www.xtrapapers.com

M11/1/A1ORI/SP1/ORI/TZ0/XX

22110523

International Baccalaureate®
Baccalauréat International
Bachillerato Internacional

**ORIYA A1 – STANDARD LEVEL – PAPER 1**
**ORIYA A1 – NIVEAU MOYEN – ÉPREUVE 1**
**ORIYA A1 – NIVEL MEDIO – PRUEBA 1**

Wednesday 11 May 2011 (morning)
Mercredi 11 mai 2011 (matin)
Miércoles 11 de mayo de 2011 (mañana)

1 hour 30 minutes / 1 heure 30 minutes / 1 hora 30 minutos

---

INSTRUCTIONS TO CANDIDATES

- Do not open this examination paper until instructed to do so.
- Write a commentary on one passage only. It is not compulsory for you to respond directly to the guiding questions provided. However, you may use them if you wish.

INSTRUCTIONS DESTINÉES AUX CANDIDATS

- N'ouvrez pas cette épreuve avant d'y être autorisé(e).
- Rédigez un commentaire sur un seul des passages. Le commentaire ne doit pas nécessairement répondre aux questions d'orientation fournies. Vous pouvez toutefois les utiliser si vous le désirez.

INSTRUCCIONES PARA LOS ALUMNOS

- No abra esta prueba hasta que se lo autoricen.
- Escriba un comentario sobre un solo fragmento. No es obligatorio responder directamente a las preguntas que se ofrecen a modo de guía. Sin embargo, puede usarlas si lo desea.


© International Baccalaureate Organization 2011

www.xtrapapers.com



*ଯେକୌଣସି **ଗୋଟିଏ** ଅନୁଚ୍ଛେଦର ବ୍ୟାଖ୍ୟା ଲେଖ ।*

**୧।**

ସାହିତ୍ୟର ଅବସ୍ଥା ଜାତିବିଶେଷର ସଭ୍ୟତାର ପରିମାପ ଅଟେ । ଯେଉଁ ଜାତି ଯେ ପରିମାଣରେ ଉନ୍ନତ, ସେହି ଜାତିର ସାହିତ୍ୟ ସେହି ପରିମାଣରେ ମାର୍ଜିତ ଏବଂ ଶ୍ରୀସମ୍ପନ୍ନ । କୌଣସି ଦେଶର ସାହିତ୍ୟ ସଙ୍ଗରେ ସେହି ଦେଶର ସର୍ବବିଧ ଉନ୍ନତିର କିପରି ଘନିଷ୍ଠ ସମ୍ବନ୍ଧ, ତାହା ଇତିହାସର ସତ୍ୟ ପ୍ରତି ଦୃଷ୍ଟିପାତ କଲେ ସହଜରେ ଉପଲବ୍‌ଧ ହେବ । ପ୍ରାଚୀନ ଆର୍ଯ୍ୟଜାତି, ପ୍ରାଚୀନ ଗ୍ରୀକ୍ ଓ ରୋମକ ଜାତି, ଆଧୁନିକ ଇଂଲଣ୍ଡୀୟ, ଫରାସିସ୍ ଏବଂ ଜର୍ମାନ୍ ଜାତିମାନଙ୍କର ସାହିତ୍ୟ ଉଲ୍ଲିଖିତ ମତର ଅନୁକୂଳ ପ୍ରମାଣସ୍ୱରୂପ । ଯେଉଁ ଜାତିମାନେ ଅର୍ଦ୍ଧସଭ୍ୟ, ସେମାନଙ୍କର ସାହିତ୍ୟ ଅତ୍ୟନ୍ତ ଅପରିପକ୍ୱ ଏବଂ ନିକୃଷ୍ଟ; ପୁଣି ଯେଉଁ ଜାତିମାନେ ଘୋର ଅସଭ୍ୟ ଅବସ୍ଥାରେ ଅଛନ୍ତି, ସେମାନେ ସଂପୂର୍ଣ୍ଣରୂପେ ସାହିତ୍ୟବିବର୍ଜିତ ।

ପୃଥିବୀର ଆଦିସଭ୍ୟ ଭାରତବର୍ଷସ୍ଥ ଆର୍ଯ୍ୟଜାତିର ଗୌରବ-ରବି ବହୁକାଳ ହେଲା ଅସ୍ତମିତ ହୋଇଅଛି; ସେମାନଙ୍କର କୀର୍ତ୍ତି, ଗୌରବ, ଶୌର୍ଯ୍ୟ, ବୀର୍ଯ୍ୟ, ସମସ୍ତ କାଳର ଦାରୁଣ ଶାସନରେ ବିଲୁପ୍ତ ହୋଇଅଛି; କିନ୍ତୁ ସେମାନଙ୍କର ସାହିତ୍ୟ କୋଷରେ ଯେଉଁ ସବୁ ଅମୂଲ୍ୟ ରତ୍ନ ସଞ୍ଚିତ ଥିଲା, ତାହାର ସୁବିମଳ ଜ୍ୟୋତି ଦୀନହୀନ ଭାରତୀୟମାନଙ୍କର ନୈରାଶ୍ୟ-ଜର୍ଜରିତ ଏବଂ ନିବିଡ଼ ଅନ୍ଧକାରମୟ ହୃଦୟରେ ସୁଦ୍ଧା ମୃତସଂଜୀବନୀ ଆଶାର ପ୍ରଭାକୁ ଜାଗ୍ରତ ଓ ସନ୍ଦୀପ୍ତ କରୁଅଛି । କେବଳ ତାହା ନୁହେଁ, ଆର୍ଯ୍ୟମାନଙ୍କର ଭାଷା ନିଜ ପୁରାଣ ମହିମାରେ ଅବସ୍ଥାନ କରି ଶତ ଶତ ନୂତନ ଭାଷାର ଉତ୍ପାଦନଦ୍ୱାରା ଏବଂ ବହୁ ଭିନ୍ନ ଦେଶୀୟ ଭାଷା ସହିତ ନିଜ ସଂପର୍କ ପ୍ରକାଶଦ୍ୱାରା ଭାରତଭୂମିର ଅଶେଷ କଲ୍ୟାଣ ସାଧନ କରୁଅଛି ଏବଂ ସ୍ମୃତିର ଅତୀତ ପୂରାକାଳର ଇତିବୃତ୍ତ ବିଷୟକ ପ୍ରକୃତ ତତ୍ତ୍ୱର ସଂକଳନ ପକ୍ଷରେ ପ୍ରଭୂତ ସହାୟତା କରୁଅଛି । ଗ୍ରୀସ୍ ଓ ରୋମ୍ ରାଜ୍ୟର ପୁରାତନ ଐଶ୍ୱର୍ଯ୍ୟ, ପୁରାତନ ବୀର୍ଯ୍ୟ ଏବଂ କୀର୍ତ୍ତି ସର୍ବ ବିଲୋପୀ କାଳସ୍ରୋତଦ୍ୱାରା ଧୌତ ହୋଇଯାଇଅଛି; କିନ୍ତୁ ଗ୍ରୀକ୍ ଓ ଲାଟିନ୍ ଭାଷାର ରତ୍ନଚୟ ସଂଗ୍ରହ କରି ଆଧୁନିକ ଇଉରୋପ ଏତେଦୂର ଉନ୍ନତ ଏବଂ ମାର୍ଜିତ ହୋଇଅଛି । ଅର୍ଜ୍ଜୁନ, ସିକନ୍ଦର ଏବଂ ସିଜର୍ ପ୍ରଭୃତି ଭୁବନବିଜୟୀ ବୀରମାନଙ୍କର କୀର୍ତ୍ତିସମୂହ ଭସ୍ମାବଶେଷ ହୋଇଅଛି; କିନ୍ତୁ କବିଗୁରୁ ବାଲ୍ମୀକି, ବ୍ୟାସ, ହୋମର୍ ଓ ବର୍ଜିଲ୍; ଦାର୍ଶନିକକୁଳତିଳକ ପ୍ଲେଟୋ ଏବଂ ବାଗ୍ମୀଶ୍ରେଷ୍ଠ ଡିମସ୍ଥିନିସ୍ ଏବଂ ସିସିରୋ ଏବଂ ବୁଦ୍ଧ, ଈଶ, ମହମ୍ମଦ୍ ପ୍ରଭୃତି ମହାପୁରୁଷମାନଙ୍କର ବାକ୍ୟାବଳୀ ସମସ୍ତ ପୃଥିବୀ ପରିଭ୍ରମଣ କରୁଅଛି ଏବଂ ମନୁଷ୍ୟ ହୃଦୟକୁ ଉଦାର ଏବଂ ମଧୁର ଭାବରେ ପରିପୂର୍ଣ୍ଣ କରୁଅଛି । ଆଧୁନିକ ଇଂରାଜୀ, ଜର୍ମାନୀ ଓ ଫରାସିସ୍ ଜାତିମାନଙ୍କର ଯେ ଏତେ ଶ୍ରୀବୃଦ୍ଧି ଲକ୍ଷିତ ହେଉଅଛି, ଅଭିଜ୍ଞ ବ୍ୟକ୍ତିମାନଙ୍କ ମତରେ ଇଂରାଜୀ, ଜର୍ମାନ୍ ଓ ଫରାସିସ୍ ସାହିତ୍ୟର ଉନ୍ନତି ତାହାର ଗୋଟିଏ ପ୍ରଧାନ କାରଣ ଅଟେ । ଜାତିଗତ ଉନ୍ନତି ଯେଉଁ ପରିମାଣରେ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରେ, ସାହିତ୍ୟର ଉନ୍ନତି ସେହି ପରିମାଣରେ ଜାତୀୟ ଶ୍ରୀବୃଦ୍ଧି ସାଧନ କରେ ।

ସାହିତ୍ୟରୂପ ଦର୍ପଣରେ ଜାତିବିଶେଷର ଉନ୍ନତି ଏବଂ ମହାଭାବ ମନୁଷ୍ୟମାନଙ୍କର ଉଦାର ମନ ପ୍ରତିବିମ୍ବିତ ହୁଏ । ପ୍ରାଚୀନକାଳର ଜଣେ ବିଜ୍ଞ ପଣ୍ଡିତ କହିଅଛନ୍ତି ଯେ ସଂସାରର ସାରପଦାର୍ଥ ମନୁଷ୍ୟ ଏବଂ ମନୁଷ୍ୟର ସାରପଦାର୍ଥ ମନ । ଯେଉଁ ସାହିତ୍ୟ ଏହି ସାରଭୂତ ମନର ଉଚ୍ଚଚିନ୍ତାମାନଙ୍କର ବିମଳ ଜ୍ୟୋତିକୁ ଅମ୍ଳାନଭାବରେ ସଂରକ୍ଷଣ କରିଅଛି, ତାହା କିପରି ଉପାଦେୟ ଏହା ବୁଦ୍ଧିମାନ୍ ବ୍ୟକ୍ତିମାତ୍ରକେ ଅନୁଭବ କରିପାରିବେ ।

ଭକ୍ତକବି ମଧୁସୂଦନ ରାଓ, ‘‘ଜାତୀୟ ସାହିତ୍ୟ’’, ଭକ୍ତକବି ମଧୁସୂଦନ ଗ୍ରନ୍ଥାବଳୀ (୧୯୯୬)

www.xtrapapers.com



– ଅନୁଚ୍ଛେଦଟିରେ ଯୋଗସୂତ୍ର ସ୍ଥାପନରେ ଲେଖକଙ୍କ ଶୈଳୀ ଉପରେ ତୁମର ମନ୍ତବ୍ୟ ଲେଖ ।

– ଜାତିର ଉନ୍ନତି ଓ ସାହିତ୍ୟର ଉନ୍ନତି ମଧ୍ୟରେ ଲେଖକ କିପରି ତୁଳନା କରିଛନ୍ତି ତାହା ବର୍ଣ୍ଣନା କର ।

– ଅତୀତର ମହାନ୍ ବୀରମାନଙ୍କ ପ୍ରତି ଏଠାରେ ଲେଖକ କିଭଳି ମନୋଭାବ ପୋଷଣ କରିଛନ୍ତି ଦର୍ଶାଅ ।

www.xtrapapers.com



୨।

ବରଷକ ଫଳ　　　　କରିବ ଅମଳ
ଚଷା ମନ ଛନ ଛନ,
ଦୂର ଗହୀରରେ　　　　ପବନ ଲହରେ
ଦୋଳାଇ କିଆରୀ ଧାନ ।
ଦାଆ ଧରି ହାତେ　　　　ଚଳେ ବିଲ ପଟେ
ଚଷା ଅତି ତରତରେ,
ବାରମାସ ଝାଳ-　　　　ବୁହାଇବା ଫଳ
ପଶିବ ଆଜି ତା ଘରେ ।
ଖରା ବରଷାରେ　　　　ଝଡ଼ ବତାସିରେ
ନ ମାନି କାଦୁଅ ପାଣି,
ବଢ଼ାଇଛି ଧାନ　　　　ଚଷା ମନସ୍କାମ
ପୂରାଇବେ ଦିଅଁ ଜାଣି ।
ପହଞ୍ଚି ବିଲରେ　　　　ଚଷା ଏକ କରେ
ଧରି ଶିଂଷା, ଆନେ ଦାଆ,
କାଟୁ କାଟୁ ଧାନ　　　　ବେଳ ଅବସାନ
ଲୁଚେ ଖରା ଡାହାଣିଆ ।
ପୁଅ ଝିଅ ତାର　　　　କରି ଛୋଟ ଭାର
ଗୋଟାଇ ଆଙ୍କୁଡ଼ା ଧାନ,
ଡାକନ୍ତି ତାହାକୁ　　　　ବେଗେ ଫେରିବାକୁ
ଦିନ ହେଲା ଅବସାନ ।
ଏଣେ ତେଣ ଚାହିଁ　　　　ମୁଣ୍ଡ ନୋଇଁ ନୋଇଁ
ଚଷା ଧାନ ବିଡ଼ା କରେ,
ଥୋଇ ମୁଣ୍ଡପରେ　　　　ପିଲାଙ୍କୁ ସଙ୍ଗରେ
ଘେନି ଘର ବାଟେ ଚଳେ ।
ବାଟେ ମନେ ମନେ　　　　ନମଇ ଚରଣେ
ଗାଆଁ ଦେବୀ ଦେବତାର,
କହି, ''ପିଲେ ମୋର　　　　ପାଇବେ ଏଥର
ସୁଖରେ ମୁଠେ ଆହାର ।''
ମାଡ଼ିଆସେ ସଞ୍ଜ　　　　ପକାଇଣ ଖୋଜ
ଫେରୁଛନ୍ତି ଗାଆଁ ଗୋରୁ,
ଆସେ ଚଷା ଖରେ　　　　ତାଙ୍କ ସଙ୍ଗତରେ
ନିଜ କଥା ଭାଳୁ ଭାଳୁ !

ଡକ୍‌ଟର ମାୟାଧର ମାନସିଂହ, ''ଧାନକଟା'', ମାନସିଂହ ଗ୍ରନ୍ଥାବଳୀ ଦ୍ୱିତୀୟ ଖଣ୍ଡ, (୧୯୬୨)

www.xtrapapers.com



- ଏହି କବିତାର ଭାବ ବିଷୟରେ ତୁମର ମନ୍ତବ୍ୟ ଲେଖ ।

- କବିତାଟିରେ କବି କିପରି ଭାଷା ମାଧ୍ୟମରେ କ୍ଷେତରେ କଠିନ ପରିଶ୍ରମ ପ୍ରତି ଚାଷୀର ମନୋଭାବକୁ ବର୍ଣ୍ଣନା କରିଛନ୍ତି ଲେଖ ।

- ଚାଷୀ ଜୀବନର କେଉଁ ସବୁ ଦିଗପ୍ରତି କବିତାଟିରେ ଆଲୋକପାତ କରାଯାଇଛି ତାହା ବର୍ଣ୍ଣନା କର ।

- କବିତାଟିରେ ପିଲାମାନଙ୍କ ଉପସ୍ଥିତି କ'ଣ ସୂଚାଉଛି ?